# NATIONAL NEWS BULLETIN (ODIA)

**17 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

---

- ଉତ୍ତରପ୍ରଦେଶର ବାରଣାସୀରେ ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ ୧୭ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ସ୍ୱୟଂସହାୟକ ଗୋଷ୍ଠୀର ୩୦ ହଜାରରୁ ଅଧିକ ମହିଳା ପାଇବେ କୃଷି ସଖୀ ପ୍ରମାଣପତ୍ର ।

- ପଶ୍ଚିମବଙ୍ଗର ନିଉ ଜଲପାଇଗୁଡ଼ି ଷ୍ଟେସନ ନିକଟରେ ରେଳ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ, ପ୍ରାୟ ୫୦ ଜଣ ଆହତ

– ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କର ଗଭୀର ଦୁଃଖ ପ୍ରକାଶ

- ସମଗ୍ର ଦେଶରେ ଆଜି ପାଳିତ ହେଉଛି ଇଦ୍ ଉଲ୍ ଅଦାହ

ଏବଂ

- ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାରେ ନେଦରଲ୍ୟାଣ୍ଡ୍ ଶ୍ରୀଲଙ୍କା ନିକଟରୁ ୮୩ ରନରେ ପରାସ୍ତ ।

---

# ପିଏମ୍-ୟୁପି ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରପ୍ରଦେଶର ବାରଣାସୀରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଅଧୀନରେ ୨୦ ହଜାର କୋଟିରୁ ଅଧିକ ଟଙ୍କାର ୧୭ତମ କିସ୍ତି ପ୍ରଦାନ କରିବେ । ୯ କୋଟି ୨୬ ଲକ୍ଷ ହିତାଧିକାରୀଙ୍କୁ ସିଧାସଳଖ ଲାଭ ହସ୍ତାନ୍ତର କିସ୍ତି ପ୍ରଦାନ କରାଯିବ । ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ ଯୋଗ୍ୟ କୃଷକ ପରିବାର ଏହି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସ୍ୱୟଂସହାୟକ ଗୋଷ୍ଠୀର ୩୦ ହଜାରରୁ ଅଧିକ ମହିଳାଙ୍କୁ କୃଷି ସଖୀ ଭାବରେ ସାର୍ଟିଫିକେଟ୍ ପ୍ରଦାନ କରିବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏବଂ ୧୯ ତାରିଖ ଦିନ ଉତ୍ତରପ୍ରଦେଶ ଏବଂ ବିହାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ସନ୍ଧ୍ୟାରେ ସେ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆରତୀଙ୍କୁ ପୂଜାର୍ଚ୍ଚନା କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବେ ।

୧୯ ତାରିଖ ସକାଳେ ପ୍ରଧାନମନ୍ତ୍ରୀ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ । ବିହାରର ରାଜଗିରି ଠାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ଉଦ୍‌ଘାଟନ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଭାରତ ଏବଂ ପୂର୍ବ ଏସିଆ ରାଷ୍ଟ୍ର ଗୋଷ୍ଠୀର ମିଳିତ ସହଯୋଗରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଗଠନ କରାଯାଇଛି । ଏହି ଉଦ୍‌ଘାଟନୀ ସମାରୋହରେ ୧୭ଟି ଦେଶର ହେଡ୍ ଅଫ୍ ମିଶନ୍‌ସ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି କ୍ୟାମ୍ପସ୍‌ରେ ୨ଟି ଏକାଡେମିକ୍ ବ୍ଲକ୍ ସହ ୪୦ଟି ଶ୍ରେଣୀଗୃହ ରହିଛି ।

ଏଥିରେ ୧୯ଶହ ଛାତ୍ରଛାତ୍ରୀଙ୍କର ବସିବାର ବ୍ୟବସ୍ଥା ମଧ ଅଛି । ୩୦୦ ସିଟ୍ ବିଶିଷ୍ଟ ଦୁଇଟି ପ୍ରେକ୍ଷାଳୟ ଏହି କ୍ୟାମ୍ପସ୍‌ରେ ମଧ୍ୟ ପ୍ରତିଷ୍ଠା କରାଯାଇଛି । ୫୫୦ ଛାତ୍ରଛାତ୍ରୀ ରହିବାର ଏକ ହଷ୍ଟେଲ ମଧ୍ୟ ନିର୍ମାଣ କରାଯାଇଛି । ଏହା ବ୍ୟତୀତ ଶୈକ୍ଷିକ କ୍ଲବ ଏବଂ କ୍ରୀଡ଼ା କଂପ୍ଲେକ୍ସ ରହିଛି । ନାଳନ୍ଦା ବିଶ୍ୱବିଦ୍ୟାଳୟର ଏକ ସମୃଦ୍ଧ ଐତିହ୍ୟ ରହିଛି । ପ୍ରାୟ ୧୬ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ମୂଳ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଶ୍ୱର ପ୍ରଥମ ଆବାସିକ ବିଶ୍ୱବିଦ୍ୟାଳୟ ଭାବରେ ପରିଗଣିତ ହୁଏ । ୨୦୧୬ରେ ନାଳନ୍ଦାର ଅବଶିଷ୍ଟାଂଶକୁ ମିଳିତ ଜାତିସଂଘ ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ କରିଛି ।

## ଟ୍ରେନ୍ ଆକ୍ସିଡେଣ୍ଟ

ପଶ୍ଚିମବଙ୍ଗର ନିଉ ଜଲପାଇଗୁଡ଼ି ରେଳଷ୍ଟେସନ ନିକଟରେ ଆଜି ସକାଳେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଏବଂ ମାଲବାହୀ ଗାଡ଼ି ମଧ୍ୟରେ ଧକ୍କା ହେବା ଫଳରେ ୮ ଜଣଙ୍କର ମୃତ୍ୟୁ ହେବା ସହ ୫୦ ଜଣ ଆହତ ହୋଇଥିଲେ । ସେଠାରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲବାହୀ ଗାଡ଼ିଟି ସିଗ୍‌ନାଲ ଅମାନ୍ୟ କରି କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଏନ୍‌ଡିଆରଏଫ୍ ଏବଂ ୧୫ଟି ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ମୃତାହତଙ୍କ ସଂପର୍କରେ ଜାଣିବା ପାଇଁ ରେଳବାଇ ପକ୍ଷରୁ ୨ଟି ଟେଲିଫୋନ୍ ନମ୍ବର ଜାରି କରାଯାଇଛି । ଏହି ନମ୍ବର ଦୁଇଟି ହେଉଛି-୦୩୩୨୩୫୦୮୭୯୪ ଏବଂ ୦୩୩୨୩୮୩୩୩୨୬ ।

ଅନ୍ୟପକ୍ଷରେ ରେଳବାଇ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଚେୟାରମ୍ୟାନ୍ ଜୟା ବର୍ମା କହିଛନ୍ତି ଦୁର୍ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୮ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି ।  ସିଗ୍ନାଲ୍ ଅମାନ୍ୟ କରିଥିବା ଲୋକୋ ପାଇଲଟ୍‌ଙ୍କର ମଧ୍ୟ ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଛି । କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର ଗାର୍ଡ ମଧ ମୃତ୍ୟୁବରଣ କରିଥିବା ସେ ସୂଚନା ଦେଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେ କହିଛନ୍ତି ଏହି ଦୁର୍ଘଟଣାରେ ପାଖାପାଖି ୫୦ଜଣ ଆହତ ହୋଇଛନ୍ତି ।

## ପ୍ରେସିଡେଣ୍ଟ-ଟ୍ରେନ୍ ଆକ୍ସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର ଦାର୍ଜିଲିଙ୍ଗ୍ ଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ଆଜି ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି ଯେ ଦାର୍ଜିଲିଙ୍ଗ୍‌ରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇବାର ଖବର ଖୁବ୍ ଦୁଃଖଦାୟକ । ସେ କହିଛନ୍ତି ତାଙ୍କର ଚିନ୍ତାଧାରା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହିତ ଅଛି । ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିବା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟର ସଫଳତା ପାଇଁ ରାଷ୍ଟ୍ରପତି ପ୍ରାର୍ଥନା କରିଛନ୍ତି ।

## ପିଏମ୍-ଟ୍ରେନ୍ ଆକ୍ସିଡେଣ୍ଟ

ପଶ୍ଚିମବଙ୍ଗରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ

ପୋଷ୍ଟ କରି କହିଛନ୍ତି ଯେ ପଶ୍ଚିମବଙ୍ଗରେ ରେଳ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କର ଆରୋଗ୍ୟ କାମନା କରିଛନ୍ତି । ସେ କହିଛନ୍ତି ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁର୍ଘଟଣାସ୍ଥଳକୁ ଯାଉଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଅଧିକାରୀଙ୍କ ସହ କଥା ହୋଇ ପରିସ୍ଥିତିର ଅନୁଧ୍ୟାନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମୂଲ୍ୟର ସହାୟତା ରାଶି ଘୋଷଣା କରିଛନ୍ତି । ପଶ୍ଚିମବଙ୍ଗର ରେଳ ଦୁର୍ଘଟଣାରେ ପ୍ରତ୍ୟେକ ମୃତକଙ୍କ ସଂପର୍କୀୟଙ୍କୁ ଏହି ରାଶି ପ୍ରଦାନ କରାଯିବ । ଆହତମାନଙ୍କୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ସୂଚନା ମିଳିଛି ।

---

## ଜୟଶଙ୍କର-ସୁଲିଭାନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଜେ.କେ. ସଲିଭାନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଏକ ବିସ୍ତୃତ ଆଲୋଚନା ହୋଇଛି । ଭାରତ-ଆମେରିକାର ରଣନୀତି ଭାଗିଦାରୀ ଦୃଢ଼ ଭାବରେ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି ।

---

# ଦିଲ୍ଲୀ ବିଜେପି-ୱାଟର

ଦିଲ୍ଲୀର ଜଳସଂକଟ ପରିସ୍ଥିତିକୁ ନେଇ ରାଜଧାନୀର ବିଭିନ୍ନ ସ୍ଥାନରେ ବିଜେପି ଆଜି ଆମ୍ ଆଦ୍‌ମୀ ପାର୍ଟିକୁ ବିରୋଧ କରିଛି । ଦିଲ୍ଲୀ ଲୋକସଭା ସାଂସଦ ତଥା ବହୁ ବିଜେପି କର୍ମୀ ପ୍ଲାକାର୍ଡ ଧରି ଖାଲି ମାଟିହାଣ୍ଡି ଜଳାଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗୀତା କଲୋନୀ ଅଞ୍ଚଳରେ ଗଣମାଧ୍ୟମକୁ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚ୍‌ଦେବ ଅଭିଯୋଗ କରି କହିଛନ୍ତି ଯେ ଜଳ ଚୋରି ଏବଂ କଳା ମାର୍କେଟିଂକୁ ରୋକିବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ବିଜେପିର ଅଭିଯୋଗକୁ ଖଣ୍ଡନ କରି ଜଳସଂକଟ ବଢ଼ିଥିବାରୁ ସେମାନଙ୍କୁ ଦାୟୀ କରିଛି । ବରିଷ୍ଠ ଆମ୍ ଆଦମୀ ପାର୍ଟିର ନେତା ତଥା ରାଜ୍ୟସଭା ସାଂସଦ ସଂଜୟ ସିଂ ଦାବି କରିଛନ୍ତି ଯେ ରାଜଧାନୀରେ ଜଳ ପ୍ରବାହକୁ ରୋକିବାକୁ ବିଜେପି ସକ୍ରିୟ ଉଦ୍ୟମ କରୁଛି ।

---

# ଇଦ୍

ଦେଶର ବିଭିନ୍ନ ସ୍ଥାନରେ ଆଜି ମୁସଲମାନ ଧର୍ମାବଲମ୍ବୀ ଭାଇ ଓ ଭଉଣୀମାନେ ବିଭିନ୍ନ ଇଦ୍‌ଗାହ ଓ ମସ୍‌ଜିଦ୍‌ରେ ସକାଳେ ସମୂହ ନମାଜପାଠ କରିଥିଲେ । ରାଜଧାନୀ ଦିଲ୍ଲୀରେ ଜମା ମସ୍‌ଜିଦ୍, ଫତେପୁରୀ ମସ୍‌ଜିଦ୍ ଏବଂ ସାହି ଇଦ୍‌ଗାହା ମୁଖ୍ୟ ମଣ୍ଡଳୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଇମାମମାନେ ପ୍ରାର୍ଥନାକୁ ଆଗେଇ ନେଇଥିଲେ ଏବଂ ଲୋକଙ୍କୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବାକୁ

ନିବେଦନ କରିଥିଲେ । ସଂପୂର୍ଣ୍ଣ ଭାଇଚାରା ମନୋଭାବରେ ଏହି ପର୍ବ ସମସ୍ତେ ମିଶି ପାଳନ କରିଥିଲେ ।

ସୂଚନାଯୋଗ୍ୟ, ଈଶ୍ୱରଙ୍କ ଆଦେଶ ପାଳନ କରି ଏକମାତ୍ର ପୁତ୍ରକୁ ବଳିଦାନ ଦେବାକୁ ହାଜରତ୍ ଇବ୍ରାହିମ୍‌ଙ୍କ ଇଚ୍ଛାକୁ ସ୍ମରଣ କରିବା ପାଇଁ ଇଦ-ଉଲ୍-ଆଜାହା ପାଳନ କରାଯାଏ । ଏହି ଅବସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଆଜି ଦେଶର ବିଭିନ୍ନ ସ୍ଥାନରେ ଇଦ୍-ଉଲ୍ ଆଦ୍‌ହା ପାଳନ କରାଯାଉଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ସିଧାସଳଖ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆଜି ରାତି ସାଢ଼େ ୯ଟାରେ 'ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଯୋଗ' ଶୀର୍ଷକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏଥିରେ ଯୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ଗୋସ୍ୱାମୀ ଏବଂ ମୋରାଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ଯୋଗ ଥେରାପିର ପ୍ରୋଗ୍ରାମ ଅଫିସର ଡକ୍ଟର ଈଶ୍ୱର ଏନ୍ ଆଚାର୍ଯ୍ୟ ଅଂଶଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଯୋଗର ବିଭିନ୍ନ ଦିଗ ଯଥା ଏହାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରି ପାରିବେ। ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ମାଧ୍ୟମରେ ଶ୍ରୋତା ସିଧାସଳଖ ପ୍ରଶ୍ନ କରିପାରିବେ। ସେହିପରି ୯୨୮୯୦୯୪୦୪୪ ନମ୍ବରକୁ ମଧ୍ୟ ହ୍ୱାଟସଆପ୍ ମାଧ୍ୟମରେ ପ୍ରଶ୍ନ ପଚରାଯାଇ ପାରିବ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ ଚ୍ୟାନେଲ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯିବ। ଏହାବ୍ୟତୀତ, ଆପଣ ଏହି ପ୍ରୋଗ୍ରାମକୁ ଆମ ୱେବସାଇଟରେ, **air.gov.in**ରେ ଏବଂ ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍ **newsonair** ଅଫିସିଆଲ ଆପ୍‌ରେ ମଧ୍ୟ ପାଇପାରିବେ।

# କ୍ରିକେଟ୍

ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଶ୍ରୀଲଙ୍କା ନେଦରଲ୍ୟାଣ୍ଡକୁ ୮୩ ରନ୍‌ରେ ହରେଇ ଦେଇଛି । ଆଜି ସକାଳେ ସେଣ୍ଟ ଲୁସିଆର ନ୍ୟାଶନାଲ୍ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଗ୍ରୁପ୍-ଡିର ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୨୦୦ ରନ୍ ସଂଗ୍ରହ କରିଥିଲା । ୨୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେଦରଲ୍ୟାଣ୍ଡ ୧୬ ଓଭର ୪ଟି ବଲ୍‌ରେ ୧୧୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଶ୍ରୀଲଙ୍କାର ଚରିଥ୍ ଆଶାଲାଙ୍କାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଅନ୍ୟ ଏକ ମ୍ୟାଚ୍‌ରେ ବାଙ୍ଗଲାଦେଶ ନେପାଳକୁ ୨୧ ରନ୍‌ରେ ହରେଇ ଦେଇଛି । ନେପାଳ ଟସ୍ ଜିତି ବାଙ୍ଗଲାଦେଶକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବାଙ୍ଗଲାଦେଶ ୧୯ ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ କରିବା କରିଥିଲା । ୧୦୭ ରନ୍‌ର ବିଜୟ

ଲକ୍ଷ୍ୟକୁ ପିଛା କରି ନେପାଳ ୧୯ ଓଭର ଏବଂ ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୮୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।